# ଓଁ ଶ୍ରୀ ସାଇରାମ

## <u>ଗୁରୁଚରଣାମ୍ବୁଜ</u>

### ୧) <u>ପ୍ରାରମ୍ଭିକ ପ୍ରଶ୍ନାବଳୀ :</u>

**ଗୁରୁ–** ପିଲାମାନେ କହିଲ, କେବଳ ମନୁଷ୍ୟର ବୁଦ୍ଧି ଓ ବିଚାରଣ ଶକ୍ତି ଅଛି ନା ଅନ୍ୟ ଜୀବଜନ୍ତୁମାନଙ୍କର ମଧ୍ୟ ବୁଦ୍ଧି ବିବେକ ଅଛି ?

**ପିଲାମାନେ–** କିଛି ପିଲା କହିବେ, ଗୁରୁମା କେବଳ ମନୁଷ୍ୟର ଥାଏ । କେହି କହିବେ, ଗୁରୁମା, ମୁଁ ଜାଣିଛି, ଜୀବଜନ୍ତୁମାନଙ୍କର ବି ବୁଦ୍ଧି ଥାଏ ।

**ଗୁରୁ–** ଠିକ୍ ଅଛି । ଏବେ ଗୋଟିଏ ସୁନ୍ଦର ଘଟଣାଟିଏ ମନ ଦେଇ ଦେଖ । ତା'ଦ୍ୱାରା ତୁମେମାନେ ଜାଣିପାରିବ ପ୍ରକୃତରେ ଜୀବଜନ୍ତୁମାନଙ୍କର ବୁଦ୍ଧି ବିବେକ ଥାଏ କି ନଥାଏ ।

(ଭିଡ଼ିଓ ପ୍ରଦର୍ଶନ କରାଇପାରିବା ବା ଗଳ୍ପଟି କହିପାରିବା ।)

ପିଲାମାନେ, ଗୋଟିଏ ନଈରେ ଅଗଭୀର ଜଳରେ କିଛି ମାଛମାନେ ରହୁଥିଲେ । ମାତ୍ର ସେମାନେ ସବୁବେଳେ ଡରିଡରି ଜୀବନ ବିତାଉଥିଲେ, କାରଣ କିଏ କେଉଁଦିନ କେଉଟର ଜାଲରେ ପଡିଯିବେ ଠିକ୍ ନଥିଲା । ସେମାନଙ୍କ ଭିତରେ ଗୋଟିଏ ମାଛ ଥିଲା, ଯିଏ ସବୁବେଳେ ଖୁସିରେ ରହୁଥିଲା, କାରଣ ସେ କେବେ ବି କେଉଟର ଜାଲରେ ଫସୁ ନଥିଲା । ଅନ୍ୟ ମାଛମାନେ ତାକୁ ଜାଲରୁ ରକ୍ଷା ପାଇବାର ଉପାୟ ପଚାରିଲେ । ସେ କହିଲା ଦେଖ ଜାଲରୁ ବଂଚୀବାର ତିନୋଟି ଉପାୟ ଅଛି । ପ୍ରଥମ, କେଉଟ ଜାଲ ପକାଇବାକୁ ଆସିଲେ ଆମେ ଏତେ ଗଭୀର ପାଣିକୁ ଚାଲିଯିବା ଯେଉଁ ପର୍ଯ୍ୟନ୍ତ କେଉଟର ଜାଲ ପହଂଚି ପାରିବନି । ମାତ୍ର ମାଛମାନେ କହିଲେ ଏହା ଅସମ୍ଭବ, କାରଣ ଆମେ ଅଗଭୀର ମାଛ, ଏତେ ଗଭୀରକୁ ଯାଇପାରିବୁନି । ଦ୍ୱିତୀୟ ଉପାୟ ହେଲା ଆମର ଦାନ୍ତକୁ ଏତେ ତୀକ୍ଷ୍ଣ କରିବା ଯେ ଜାଲରେ ପଡିବା ମାତ୍ରେ ଜାଲକୁ କାଟି ବାହାରି ଆସିବା । ମାତ୍ର ମାଛମାନେ କହିଲେ ଆମର ଦାନ୍ତ ତ ଏତେ ତୀକ୍ଷ୍ଣ ନୁହେଁ । ଏବେ ରହିଲା ତୃତୀୟ ଉପାୟ । ତୃତୀୟ ଉପାୟଟି କ'ଣ ଜାଣିଛକି ? ସେ କହିଲା, "ଦେଖ ଯେତେବେଳେ କେଉଟ ଆସିବ ତୁମେ ଖୁବ୍ ଶୀଘ୍ର ତା ପାଦ ପାଖକୁ ଚାଲିଯିବ । ତାର ପାଦ ପାଖରେ ଜାଲ କେବେ ହେଲେ ପଡିବ ନାହିଁ । ଫଳରେ ତୁମେ କେବେବି ଜାଲରେ ଫସିବ ନାହିଁ ।"

**ଗୁରୁ–** ପିଲାମାନେ, ଚତୁର ମାଛର ତୃତୀୟ ଉପାୟଟି ଭଲଭାବରେ ବୁଝିପାରିଲ ତ ? ସେ କିପରି କେଉଟର ପାଦ ପାଖରେ ଆଶ୍ରୟ ନେଇ ନିଜକୁ ସବୁବେଳେ ବଂଚାଇପାରୁଥିଲା ?

ଶଙ୍କରାଚାର୍ଯ୍ୟ ଭଜଗୋବିନ୍ଦମ୍‌ର ଶେଷ ଶ୍ଲୋକରେ ସେହି ଉପାୟ ବିଷୟରେ କହିଛନ୍ତି । ସେ ଆମକୁ ଏହି ଶ୍ଲୋକ ମାଧମରେ ହୃଦ୍‌ବୋଧ କରାଇଛନ୍ତି, ଆମେ କଣ କଲେ 'ମୂଢ଼ମତି'ରୁ 'ମୁକ୍ତିମତି' ହୋଇପାରିବା । ଆଜି ଆମେ ସେହି ଶ୍ଲୋକଟି ଶିଖିବା ?

**୨) <u>ଶ୍ଲୋକର ଉଚ୍ଚାରଣ ଶିକ୍ଷା :</u>**

**"ଗୁରୁ ଚରଣାମ୍ବୁଜ ନିର୍ଭରଭକ୍ତଃ**
**ସଂସାରାଦଚିରାଦ୍‌ଭବ ମୁକ୍ତଃ ।**
**ସେନ୍ଦ୍ରିୟମାନସ ନିୟମାଦେବଂ**
**ଦ୍ରକ୍ଷସି ନିଜ ହୃଦୟସ୍ଥଂ ଦେବମ୍  ॥(ଶ୍ଲୋକ-୩୧)**

ଗୁରୁ ପ୍ରଥମେ ପିଲାମାନଙ୍କୁ ଆଖି ବନ୍ଦ କରି ବସିବାକୁ କହିବେ । ତାପରେ ଶ୍ଲୋକଟି ଶୁଣାଇବେ । ଗୁରୁ ଅଙ୍ଗୁଳି ସାହାଯ୍ୟରେ ଶ୍ଲୋକର ଶବ୍ଦଗୁଡ଼ିକୁ ପିଲାମାନଙ୍କୁ ଦର୍ଶାଇ ପିଲାମାନଙ୍କୁ ଶବ୍ଦ ସହ ପରିଚିତ କରାଇବେ । କୌଣସି ସନ୍ଧିଯୁକ୍ତ ଶବ୍ଦ ଥିଲେ ସନ୍ଧି ବିଚ୍ଛେଦ କରାଇବେ ।

**୩) <u>ଅର୍ଥ :</u>**

ଗୁରୁ – ଆଧାତ୍ମିକ ପଥପ୍ରଦର୍ଶକ (ଭଗବାନ)
ଚରଣାମ୍ବୁଜ – ଚରଣ+ଅମ୍ବୁଜ (ଚରଣକମଳ)
ଚରଣ - ପାଦ
ଅମ୍ବୁଜ- କମଳ (ପଦ୍ମ)
ନିର୍ଭର – ଏକାନ୍ତ
ଭକ୍ତଃ – ଭକ୍ତିକରି
ସଂସାରାଦଚିରାଦ୍‌ଭବ – ସଂସାରାତ୍+ଅଚିରାତ୍+ଭବ
ସଂସାରାତ୍ – ସଂସାରରୁ
ଅଚିରାତ୍ - ଖୁବ୍‌ଶୀଘ୍ର
ଭବ – ହୁଅ

ମୁକ୍ତଃ – ମୁକ୍ତିଲାଭ କରିବା

ସେନ୍ଦ୍ରିୟମାନସ – ସ+ଇନ୍ଦ୍ରିୟ+ମାନସ (ଇନ୍ଦ୍ରିୟ ସହିତ ମନ)

ସ – ସହିତ

ଇନ୍ଦ୍ରିୟ – ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ସମୂହ

ମାନସ – ମନ

ନିୟମାଦେବଂ - ନିୟମାତ୍+ଏବଂ

ନିୟମାତ୍ – ସଂଯମ କରିବା

ଏବଂ – ଏହିପରି

ସେନ୍ଦ୍ରିୟମାନସନିୟମାଦେବଂ – ଏହିପରି ମନ ଓ ଇନ୍ଦ୍ରିୟଙ୍କୁ ସଂଯମ କରି

ଦ୍ରକ୍ଷ୍ୟସି – ଦେଖିବା

ନିଜ - ନିଜର

ହୃଦୟସ୍ଥଂ – ହୃଦୟରେ ବାସ କରୁଥିବା

ଦେବଂ – ଦେବତାଙ୍କୁ

**୪) ବ୍ୟାଖ୍ୟା :**

ଯେଉଁପରି ରେଶମପୋକ (Silk Worm) ନିଜର ସ୍ଥିତି ପ୍ରକାଶ କରିବାପାଇଁ ତା' ଖୋଳ (Cocon) ଭିତରୁ ନିଜକୁ ବାହାର କରିବାକୁ ପ୍ରଚେଷ୍ଟା କରିଥାଏ, ଠିକ୍ ସେହିପରି ମନୁଷ୍ୟ ତାର ଚଂଚଳ ମନର ମାୟାପଞ୍ଜୁରୀ ମଧ୍ୟରୁ ନିଜକୁ ମୁକ୍ତିକରିବା ନିହାତି ଆବଶ୍ୟକ ରହିଛି । ଆଉ ସେହି ମୁକ୍ତିର ମାର୍ଗ ତାକୁ କିଏ ପ୍ରଦାନ କରିଥାଏ ? ସଦ୍‌ଗୁରୁ ବା ତା' ନିଜ ହୃଦୟ ମଧ୍ୟରେ ଥିବା ଭଗବାନ । ତେଣୁ ସର୍ବପ୍ରଥମେ ଗୁରୁଙ୍କ ପ୍ରତି ଆମର ଅଗାଢ଼ ବିଶ୍ୱାସ ରହିବା ଆବଶ୍ୟକ । ଗୁରୁ ଶବ୍ଦଟିର ଅର୍ଥ ଆମେ ଆଗ ବୁଝିଦେବା । 'ଗୁ' ଶବ୍ଦର ଅର୍ଥ ହେଲା 'ଅନ୍ଧକାର' ବା 'ଅଜ୍ଞାନ' । 'ରୁ' ଶବ୍ଦର ଅର୍ଥ ହେଲା 'ଦୂର କରିବା' । ତେଣୁ ଗୁରୁ ହେଲେ ସିଏ, ଯିଏ ଆମ ମଧ୍ୟରୁ ଅଜ୍ଞାନ, ଅନ୍ଧକାର ଦୂରକରି ଜ୍ଞାନର ଆଲୋକ ପ୍ରଦାନ କରାଇ ପାରିଥାନ୍ତି ।

ଅନ୍ୟଭାବରେ ଗୁରୁ ଶବ୍ଦକୁ ବ୍ୟାଖ୍ୟା କରାଯାଇପାରେ । 'ଗୁ' ହେଲା ଗୁଣାତୀତ ଏବଂ 'ରୁ' ହେଲା ରୂପ ବର୍ଜିତ । ସେହି ଗୁଣାତୀତ, ରୂପବର୍ଜିତ ଅନନ୍ୟ ଗୁରୁ ହେଲେ କେବଳ ସ୍ୱୟଂ ଭଗବାନ ।

ସମସ୍ତ ଆଧାତ୍ମିକ କାର୍ଯ୍ୟର ଏକମାତ୍ର ଲକ୍ଷ୍ୟ ରହିଥାଏ, ତାହା ହେଲା ଆମ ଚଂଚଳ ମନକୁ କିପରି ସ୍ଥିର କରି ପ୍ରଭୁଙ୍କ ପାଦପଦ୍ମରେ ସମର୍ପଣ କରାଇବା ।

ଯେଉଁପରି ଆମେ ଧୋବାକୁ ଆମର ବିଭିନ୍ନ ପ୍ରକାର ବସ୍ତ୍ର ଦେଇଥାଉ ଗୋଟିଏ ଉଦ୍ଦେଶ୍ୟରେ, ତାହାହେଲା, ତାହା କିପରି ନିର୍ମଳ ବା ପରିଷ୍କାର ହେବ, ଠିକ୍ ସେହିପରି ଆମେ ବିଭିନ୍ନ ପ୍ରକାର ଆଧାତ୍ମିକ କାର୍ଯ୍ୟ ଯଥା- ଭଜନ, କୀର୍ତନ, ନାରାୟଣ ସେବା, ହୋମ, ଯଜ୍ଞ ଆଦି ସମ୍ପାଦନ କରିଥାଉ କେବଳ ଗୋଟିଏ ଉଦ୍ଦେଶ୍ୟରେ, ତାହା ହେଲା, ଆମ ମନ ମଧ୍ୟରେ ବସା ବାନ୍ଧିଥିବା ଷଡ଼ରିପୁ ଯଥା- କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଆଦିକୁ ଦୂର କରିବା ପାଇଁ । ଆଉ ଏଥିପାଇଁ ଅତ୍ୟନ୍ତ ଆବଶ୍ୟକ ଜିନିଷ ହେଲା ଗୁରୁଙ୍କ ପାଦ ସେବନମ୍ ବା ଗୁରୁଙ୍କ ପ୍ରତି ଅନୁରକ୍ତ । ଗୁରୁଗୀତାରେ ଉଲ୍ଲେଖ କରାଯାଇଛି –

**"ଧ୍ୟାନମ୍ ମୂଳମ୍ ଗୁରୁଃ ମୂର୍ତିଃ,**
**ପୂଜା ମୂଳମ୍ ଗୁରୁର ପାଦମ୍,**
**ମନ୍ତ୍ର ମୂଳମ୍ ଗୁରୁଃ ବାକ୍ୟମ୍,**
**ମୋକ୍ଷ ମୂଳମ୍ ଗୁରୁଃ କୃପା ।"**

ଗୁରୁଙ୍କ କୃପା ବିନା ଆମର କୌଣସି ସାଧନା ସଫଳ ହୋଇନଥାଏ । ଯେପରି ଆମେ ଯେତେ କାଦୁଅ, ପଙ୍କ, କଂଟକ କିମ୍ବା ପଥୁରିଆ ରାସ୍ତାରେ ଯାତ୍ରା କଲେ ମଧ୍ୟ ଆମ ଶରୀର ଛାୟା ଆମ ପଦଯୁଗଳ ସହିତ ଯୋଡିହୋଇରହିଥାଏ, ଠିକ୍ ସେହିପରି ଆମେ ଜୀବନରେ ଯେତେ ଉତ୍ଥାନପତନ ଆସିଲେ ମଧ୍ୟ ଆମ୍ଭେମାନେ ଗୁରୁଙ୍କର ପାଦକୁ ସଦାସର୍ବଦା ଧରିରଖିବାକୁ ଚେଷ୍ଟା କରିବା ଉଚିତ୍ ।

ପିଲାମାନେ ତୁମେ ଏପରି କିଛି ଉଦାହରଣ ଦେଇପାରିବ, ଯେଉଁମାନେ ଗୁରୁପାଦରେ ଧ୍ୟାନକରି, ଗୁରୁଙ୍କ ପାଦକୁ ଆଶୟକରି ବା ଗୁରୁଙ୍କର ପାଦ ସ୍ପର୍ଶ ପାଇଁ ଜୀବନମୁକ୍ତ ହୋଇଛନ୍ତି ।

(୧) କୈବର୍ତ ପ୍ରଭୁ ରାମଚନ୍ଦ୍ରଙ୍କୁ ଡଙ୍ଗା ପାରି କରିବାବେଳେ

(୨) ପଥର ହୋଇ ପଡିରହିଥିବା ମାତା ଅହଲ୍ୟା ପ୍ରଭୁ ପାଦସ୍ପର୍ଶରେ ଜୀବଦାନ ପାଇବା

(୩) ମାତା ଶବରୀ ପ୍ରଭୁ ପାଦ ପାଇ ରାସ୍ତା ସଫା କରି ଚାଲିବା ଓ ଶେଷରେ ପ୍ରଭୁ ପାଦରେ ଲୀନ ହେବା

(୪) ସନନ୍ଦନ ଶଙ୍କରାଚାର୍ଯ୍ୟଙ୍କ ପୃପାରୁ 'ପଦ୍ମପାଦ'ରେ ପରିଣତ ହେବା

(୫) ଆନନ୍ଦଗିରି ଗୁରୁ ଶଙ୍କରାଚାର୍ଯ୍ୟଙ୍କ କୃପାରୁ 'ତୋଟକାଚାର୍ଯ୍ୟ'ରେ ପରିଣତ ଦେବା

(୬) ଭରତ ପ୍ରଭୁ ଶ୍ରୀରାମଙ୍କ ପାଦୁକାକୁ ସ୍ଥାପନା କରି ରାଜ୍ୟ ଶାସନ କରିବା

(୭) କନ୍ୟାକୁମାରୀଠାରେ ନଦୀର ଜଳରାଶି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କର ଚରଣରେ ମୁକ୍ତାମାଳ ଅର୍ପଣ କରିବା । ଇତ୍ୟାଦି ...

**ଦ୍ରକ୍ଷସି ନିଜ ହୃଦୟସ୍ଥଂ ଦେବଂ –**

ପିଲାମାନେ କହିଲ ଯଦି ଆମ ଘରେ ଥିବା ଦର୍ପଣଟିରେ ବହୁତ ମଇଳାର ପ୍ରଲେପ ବସିଯାଇଥିବ, ତେବେ ଆମେ କଣ ତା ମଧ୍ୟରେ ଆମ ପ୍ରତିମ୍ବିବ ଠିକ୍ ଭାବରେ ଦେଖି ପାରିବା ?

– ନାହିଁ ନା ?

ଠିକ୍ ସେହିପରି ଯଦି ଆମେ ଜାଣିଛେ ଈଶ୍ୱର ସର୍ବ ବିଦ୍ୟମାନ, ଈଶ୍ୱର ସର୍ବ ହୃଦୟନିବାସୀ, ତଥାପି ଆମେ ତାଙ୍କୁ ସ୍ୱଚକ୍ଷୁରେ ଦେଖିବା ସମ୍ଭବହୋଇପାରୁନି । ଏହାର କାରଣ କଣ ଜାଣିଛ ?

କାରଣ ଆମେ ମନ ଇନ୍ଦ୍ରିୟର ବଶବର୍ତୀ ହୋଇ କାମ, କ୍ରୋଧ, ଲୋଭ, ମୋହର ଆବର୍ଜନା ହେତୁ ସେହି ସ୍ୱଚ୍ଛ ଦପଁଣ ଉପରେ ମଇଳା ଜମା ହୋଇଯାଇଛି । ଶଙ୍କର କହୁଛନ୍ତି – ସେହି ମଇଳାକୁ ସଫା କରିଦେଲେ ଓ ମଇଳାର କାରଣ ଇନ୍ଦ୍ରିୟ ଓ ମନକୁ ସଂଜତ କରିଦେଲେ, ହୃଦୟ ଏକ ସଫା ଦର୍ପଣ ହୋଇଯିବ ଏବଂ ସେଠାରେ ବିରାଜମାନ ପରମବ୍ରହ୍ମଙ୍କୁ ଆମେ ସହଜରେ ଦର୍ଶନ କରିପାରିବା ।

ପିଲାମାନେ କହିପାରିବ କିଏ ସ୍ୱୟଂ ପରମମାତା ଦେଇଥିବା ମୁକ୍ତାମାଳର ଲୋଭରେ ପଡିନଥିଲେ ? ଫଳରେ ନିଜ ହୃଦୟ ମଧ୍ୟରେ ସେ ସର୍ବଦା ପ୍ରଭୁ ରାମଚନ୍ଦ୍ର ଓ ମାତା ସୀତାଙ୍କୁ ଦର୍ଶନ କରୁଥିଲେ ?

– ହଁ, ଭକ୍ତ ହନୁମାନ ।

ଯଦି ଆମେ ଆମର ହୃଦୟକୁ ସବୁବେଳେ ପରିଷ୍କାର ରଖିବା, ତେବେ ଆମେ ମଧ ହନୁମାନଙ୍କ ପରି ନିଜ ହୃଦୟରେ, ଚିନ୍ତାରେ, କର୍ମରେ, ଦୃଷ୍ଟିରେ ଭଗପାନଙ୍କ ଦର୍ଶନ କରିପାରିବା ।

**୫) <u>ମୂଲ୍ୟବୋଧ କବିତା :</u>**

**ଈଶ୍ୱରଙ୍କୁ ପାଇବାକୁ ଯଦି ଇଚ୍ଛା କର**
**ଆଶ୍ରୟକର ଗୁରୁଙ୍କ କମଳ ପୟର**
**ଦୟାକରୁଣାର ସେଯେ ଅତଳସାଗର**
**ଭକିତରେ ସେବ ତାଙ୍କୁ କରିଦେବେ ପାର ।**
**ମନ ଇନ୍ଦ୍ରିୟ ଉପରେ ରଖ ନିୟନ୍ତ୍ରଣ**
**ହୃଦୟ ହୋଇବ ତୁମ ନିର୍ମଳ ଦର୍ପଣ ।**
**ଆତ୍ମା ଭାବେ ଛନ୍ତି ପ୍ରଭୁ ଅନ୍ତରରେ ଦେଖ**
**ଅନୁଭବ କର ତାଙ୍କୁ ଦିଶିବେ ପ୍ରତ୍ୟକ୍ଷ ।**
**ଗୁରୁ ଗୋବିନ୍ଦ ସମାନ ନାହିଁ ତହିଁ ଭେଦ**
**ନିରନ୍ତର ମନେ ଭଜ ଗୋବିନ୍ଦ ଗୋବିନ୍ଦ ।**
**ଆଦି ଶଙ୍କରଙ୍କର ଏ ନିତ୍ୟ ଦିବ୍ୟ ବାର୍ତା**
**ଗ୍ରହଣ କରି ଜୀବନେ ଲଭ ସଫଳତା ।**

**୬) <u>ଗଳ୍ପ କଥନ :</u>**

ପିଲାମାନେ, ମୁଁ ଆଜି ତୁମକୁ ଗୋଟେ ସତଘଟଣା କହିବି, ତାଦ୍ୱାରା ତୁମେମନେ ଜାଣିପାରିବଳ, କଣ କଲେ ଆମେ 'ମୂଢ଼ମତି'ରୁ 'ମୁକ୍ତିମତି' ହୋଇପାରିବା ।

ଗୁରୁକୁଳରେ ଶିକ୍ଷା ସମାପ୍ତ ପରେ ଜଣେ ଶିଷ୍ୟ ଗୁରୁଦକ୍ଷିଣା ମାଗିବା ପାଇଁ ଗୁରୁଙ୍କୁ ବିନମ୍ର ଅନୁରୋଧ କଲେ । ବହୁତ ବାଧ କରିବାରୁ ଗୁରୁ କହିଲେ ଠିକ୍ ଅଛି, ତୁ ରୋଜଗାର କଲେ ମୋତେ ଗୋଟିଏ ସ୍ୱର୍ଣମୁଦ୍ରା ଅର୍ପଣ କରିବୁ । (ସେତେବେଳେ ସୁନା, ରୂପାର ମୁଦ୍ରା ହିଁ ପ୍ରଚଳିତ ଥିଲା ।) ଶିଷ୍ୟ ଜଣକ ଘରକୁ ଫେରିବା ବାଟରେ ଗୋଟିଏ ରାଜ୍ୟରେ ରାତ୍ରିଯାପନ କଲେ । ସେ ରାଜ୍ୟରେ ଶୁଣିଲେ ଯେ ରାଜା ଘୋଷଣା କରିଛନ୍ତି

ଯେ, ସେ ସକାଳୁ ଉଠି ପ୍ରଥମେ ଯାହାକୁ ଦେଖିବେ, ସେ ଯାହା ମାଗିବ ରାଜା ତାହା ତାକୁ ଉପହାର ଦେବେ । ଏହିକଥା ଶୁଣି ଶିଷ୍ୟ ମନରେ ଏକ ଭାବନା ଆସିଲା । ସେ ଭାବିଲା, "କାଲି ଯଦି ରାଜା ପ୍ରଥମେ ମୋତେ ଦେଖନ୍ତେ ତେବେ ରାଜାଙ୍କୁ ଉପହାର ମାଗିବାର ସୁଯୋଗ ମୋତେ ମିଳନ୍ତା । ତେବେ ରାଜାଙ୍କଠାରୁ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଆଣି ମୁଁ ଗୁରୁଦକ୍ଷିଣା ଦେଇପାରନ୍ତି । ମୋତେ ଆଉ ଗୁରୁଦକ୍ଷିଣା ପାଇଁ ବେଶୀଦିନ ଅପେକ୍ଷା କରିବାକୁ ପଡନ୍ତା ନାହିଁ ।"

ଶିଷ୍ୟକୁ ରାତିରେ ନିଦ ହେଲା ନାହିଁ । ସେ ବଡି ଭୋରୁ ଉଠି ରାଜବାଟୀକୁ ଚାଲିଲା । ମୁଖ୍ୟଦ୍ୱାର ନିକଟରେ ପହଂଚି ଦେଖିଲା କେହି ନାହାନ୍ତି । କେବଳ ପ୍ରହରୀ ଜଗିଛନ୍ତି । ବେଶ୍ ମନଖୁସିରେ ଦ୍ୱାର ନିକଟରେ ଠିଆ ହୋଇରହିଲା । "ରାଜା ଦ୍ୱାର ଖୋଲିଲେ ପ୍ରଥମେ ମୋତେ ଦେଖିବେ ଓ ରାଜାଙ୍କୁ ଏକ ସ୍ୱର୍ଣ୍ଣମୁଦ୍ରା ମାଗିବି ।" ଏହି ଭାବନରେ ସେ ବୁଡି ରହିଥାଏ । ପୁଣି ତା ମନକୁ ଆସିଲା, "ରାଜାଙ୍କୁ ଦୁଇଟି ସ୍ୱର୍ଣ୍ଣମୁଦ୍ରା ମାଗିଦେବି । ଗୋଟିଏ ଗୁରୁଦକ୍ଷିଣା ଦେବି ଓ ଅନ୍ୟଟିରେ ମୁଁ ନିଜେ କିଛି ବ୍ୟବସାୟ ଆରମ୍ଭ କରିଦେବି ।" ପୁଣି କିଛି ସମୟ ପରେ  ଭାବିଲା, "ଗୋଟିଏ ସ୍ୱର୍ଣ୍ଣମୁଦ୍ରାରେ କି ବ୍ୟବସାୟ ହେବ ? ବରଂ ରାଜାଙ୍କୁ ୧୦୦ ସ୍ୱର୍ଣ୍ଣମୁଦ୍ରା ମାଗିଦେବି । ଫଳରେ ୯୯ ସ୍ୱର୍ଣ୍ଣମୁଦ୍ରାରେ ବେଶ୍ ଭଲ ବ୍ୟବସାୟ କରିପାରିବି । ପୁଣି କିଛି ସମୟ ପରେ ଭାବିଲା ରାଜାଙ୍କ ପାଖରେ ଶହେ ସ୍ୱର୍ଣ୍ଣମୁଦ୍ରା କ'ଣ ବା ହଜାରେ ସ୍ୱର୍ଣ୍ଣମୁଦ୍ରା କ'ଣ ? ସୁଯୋଗ ମିଳିଛି ଯେତେବେଳେ ମାଗିବାରେ ଅସୁବିଧା କ'ଣ ଅଛି । ହଜାରେ ନା ଦଶହଜାରେ ନା ଲକ୍ଷେ ସ୍ୱର୍ଣ୍ଣମୁଦ୍ରା ... ।" ଏହିପରି ଭାବନା ତା ମନ ଭିତରେ ଚାଲିଥାଏ । ଇନ୍ଦ୍ରିୟମାନେ ସ୍ୱର୍ଣ୍ଣମୁଦ୍ରା ଲାଭ, ବ୍ୟବସାୟ, କୋଠାବାଡି ଆଦି ଲାଳସା ଭିତରେ ଡେଇଁବାରେ ଲାଗିଥାନ୍ତି । ଏହି ସମୟରେ ସିଂହଦ୍ୱାର ଖୋଲିଲା । ମହାରାଜା ପ୍ରବେଶ କଲେ । ଶିଷ୍ୟକୁ ଦ୍ୱାର ମୁହଁରେ ଦଣ୍ଡାୟମାନ ଦେଖି ବହୁତ ପ୍ରସନ୍ନ ହେଲେ । କହିଲେ, "ଏତେଦିନ ଘୋଷଣା ପରେ ମୋର ଦ୍ୱାରରେ କେହି ଯାଚନା ନେଇ ଆସିଅଛି । ଯାହା ମାଗୁଛ ମାଗ, ମୁଁ ତୁମକୁ ପ୍ରଦାନ କରିବି ।"

ଶିଷ୍ୟ କହିଲା – "ମହାରାଜ, ମୋତେ ଆପଣଙ୍କର ସମଗ୍ର ରାଜ୍ୟ ପ୍ରଦାନ କରନ୍ତୁ ।" ମହାରାଜା ଏହି କଥା ଶୁଣି କ'ଣ କହିଥିବେ ? (ପିଲାମାନଙ୍କର ଉତର ଜାଣିବାକୁ ଚେଷ୍ଟା କରିବେ ।)

ମହାରାଜ ବହୁତ ଖୁସିହୋଇ ଆନନ୍ଦରେ ସତେ ଯେପରି ନାଚିବାକୁ ଲାଗିଲେ । ସେ ଖୁସିରେ ଗଦଗଦ ହୋଇ ଶିଷ୍ୟକୁ କୁଣ୍ଢାଇ ପକାଇଲେ । ଶିଷ୍ୟ ଜଣକ ମହାରାଜଙ୍କୁ ପ୍ରଣାମକରି ଆଶୀର୍ବାଦ ନେବାକୁ ଯେମିତି ପାଦ ଛୁଇଁଛି, ତାକୁ ଲାଗିଲା ସତେ ଯେପରି ତାର ଗୁରୁ ତା ଆଗରେ ଠିଆ ହୋଇଛନ୍ତି ଓ ସେ ଗୁରୁଙ୍କର ଚରଣ ସ୍ପର୍ଶ କରୁଛି । ହଠାତ୍ ତା ଶରୀର ଭିତରେ କରେଂଟ ଖେଳିଗଲା । ସେ ପ୍ରକୃତିସ୍ଥ ହୋଇଗଲା । ତାର ଏ ଅବସ୍ଥା ଦେଖି ରାଜା ପଚାରିଲେ, 'କ'ଣ ହେଲା ?' ଶିଷ୍ୟ ଜଣକ କହିଲା, "ମହାରାଜ, ମୋ ଗୁରୁଦେବ ମୋତେ କିଛି କହିବାକୁ ଚାହୁଁଛନ୍ତି ପରି ମୋର ଅନୁଭବ ହେଲା । ଆପଣ ଦୟାକରି ବଗିଚାରେ ପ୍ରାତଃଭ୍ରମଣ ଶେଷ କରି ଆସନ୍ତୁ, ମୋର ଯାଚନା ମୁଁ ଆପଣଙ୍କୁ ଜଣାଇବି ।" ରାଜା 'ଠିକ୍ ଅଛି' କହି ପ୍ରାତଃଭ୍ରମଣ ପାଇଁ ଚାଲିଗଲେ ।

ଶିଷ୍ୟ ଜଣକର ବିବେକ ଉଦ୍ରେକ ହେଲା । ସେ ନିଜକୁ ପଚାରିଲା, "ମୁଁ ତ ଭାବିଥିଲି ସମଗ୍ର ରାଜ୍ୟ ମାଗିବା ପରେ ରାଜା କାନ୍ଦିବେ, ଦୁଃଖି ହେବେ, ତୁ ଏ କ'ଣ ମାଗିଲୁ ବୋଲି କହିବେ । ମାତ୍ର ସେ ଏତେ ଆନନ୍ଦିତ କାହିଁକି ? ସତେଯେମିତ ତା ହୃଦୟରୁ କିଏ କହୁଥିଲା – "ଅର୍ଥମନର୍ଥଂ ଭାବୟ ନିତ୍ୟଂ ... ।" ଶିଷ୍ୟ ଜଣକ ପ୍ରହରୀକୁ କହିଲା, "ମହାରାଜ ଫେରିଲେ କହିଦେବ ମୁଁ ଏତେ ମୂଢ଼ମିତ ନୁହେଁ ଯେ ସେ ଯାହାକୁ ତ୍ୟାଗକରି ଏତେ ଆନନ୍ଦିତ ହେଉଛନ୍ତି, ସେହି ତେଜ୍ୟବସ୍ତୁକୁ ଗ୍ରହଣ କରି ମୁଁ ବନ୍ଧନରେ ପଡିବାକୁ ଯିବି । ମୁଁ ମୁକ୍ତିମତି ଓ ସର୍ବଦା ମୁକ୍ତିମତି ରହିବି ।"

ଦେଖିଲ ପିଲାମାନେ, ଇନ୍ଦ୍ରିୟ, ମନ ଯାହା ପ୍ରତି ଆକର୍ଷିତ କରନ୍ତି ତାହା ଆମକୁ ମୂଢ଼ତା ଆଡକୁ ନେଇଯାଏ । ମାତ୍ର ତା ପଛରେ କ'ଣ ଅଦୃଶ୍ୟମାନ ସତ୍ୟ ଲୁଚିରହିଛି, ସେହି ସତ୍ୟକୁ ଜାଣିବାକୁ ଆମକୁ ଆମର ହୃଦୟ ବା ବିବେକକୁ ଉନ୍ମୁକ୍ତ କରିବାକୁ ହେବ । ସେହି ସତ୍ୟକୁ ଜାଣିପାରିଲେ ଆମେ 'ମୁକ୍ତିମତି'ରେ ପରିଣତ ହୋଇପାରିବା ଏବଂ ଏଥିପାଇଁ ଗୁରୁକୃପା, ଗୁରୁଙ୍କର ଚରଣ କମଳରେ ପ୍ରଗାଢ଼ ବିଶ୍ୱାସ ହିଁ ସହାୟକ ହେବ ।

**୭) ଭଜନ :**

ପିଲାମାନେ ଗତ Classରେ ମୁଁ ତୁମକୁ ଗୋଟିଏ ଗୁରୁଙ୍କ ପାଦ ବିଷୟରେ ସୁନ୍ଦର ଭଜନ ଶିଖାଇ ଥିଲି । କାହାର ମନେ ଅଛି ?

**ଗୁରୁ ପଦରଞ୍ଜନ ରାମ ଜୟ ଜୟ**
**ବନ୍ଧ ବିମୋଚନ ରାଜୀବଲୋଚନ**
**ଅଭୟପ୍ରଦାୟକ ରାମ ଜୟ ଜୟ ।**

**୮) ସାମୁହିକ କାର୍ଯ୍ୟ :**

**(କ)** ଗୋଟେ ଦୀପ ବା ମହମବତୀ ଲଗାଇ ତାକୁ ଗୋଟେ transparent ଲଣ୍ଠନକାଚ ସାହାଯ୍ୟରେ ପ୍ରଥମେ ଘୋଡାଇଦେବା । ପରେ ସେଇ କାଚ ଉପରେ ଗୋଟେ ଲାଲ ରଙ୍ଗର କାଗଜ ଗୁଡାଇ ଦିଅ ଏବଂ ଶେଷରେ ପୁଣି ତା'ଉପରେ ଗୋଟେ କଳା ରଙ୍ଗର କାଗଜ ଗୁଡାଇ ଦିଅ । ପିଲାମାନଙ୍କୁ ପଚାରିବା ମହମବତୀର ଶିଖା ଦେଖିପାରୁଛ କି ?

- ପିଲାମାନେ ମନା କରିବେ ।

ପରେ ପ୍ରଥମେ କଳା କାଗଜଟି କାଢ଼ି ଦିଅ ଓ ପିଲାମାନଙ୍କୁ ପଚାର ଏବେ ମହମବତୀର ଆଲୋକ ଦେଖାଯାଉଛି କି ?

- ପିଲାମାନେ କହିବେ ଝାପ୍ସା ଭାବେ ଦେଖାଯାଉଛି ।

ତାପରେ ଲାଲି ଘୋଡଣୀଟି କାଢ଼ି ନିଅ ଓ ପିଲାମାନଙ୍କୁ ପଚାର ଏବେ candleର ଶିଖା ଦେଖିପାରୁଛ ?

- ପିଲାମାନେ କହିବେ, ହଁ ଦେଖି ପାରୁଛୁ । କିନ୍ତୁ ପୂର୍ଣ ରୂପେ ଦେଖି ପାରୁନାହୁଁ ।

ଶେଷରେ ଲଣ୍ଠନ କାଚଟି କାଢ଼ି ଦିଅ ।

- ପିଲାମାନେ କହିବେ, ହଁ ଏବେ ସମ୍ପୂର୍ଣ ଭାବରେ ଆଲୋକ ଶିଖାର ଦର୍ଶନ କରିପାରୁଛୁ ।

- ପିଲାମାନେ କହିବେ, ହଁ ଗୁରୁମା ଦେଖିପାରୁଛୁ ।

ପରେ ଗୁରୁ ପିଲାମାନଙ୍କୁ ବୁଝାଇବେ, ସେହି transparent, ଲାଲ, କଳା ଘୋଡଣୀ ଗୁଡିକ ଯଥାକ୍ରମେ ସତ୍ୱ, ରଜ ଓ ତମ ଗୁଣର ପ୍ରତୀକ ଥିଲା । ଆମେ ଏହି ତିନି ଗୁଣର ଉର୍ଦ୍ଧ୍ୱକୁ ଯାଇପାରିଲେ ହିଁ ଯେହି ଆଲୋକ ଶିଖା (ଆତ୍ମା)ର ଦର୍ଶନ କରିପାରିବା ।

ଏହାହିଁ ଆମେ ଧ୍ୟାନ କରିବା ସମୟରେ ଚିନ୍ ମୁଦ୍ରାରେ ବସିବାର ଯଥାର୍ଥତା । ଆମେ ସେତେବେଳେ ଆମ ତର୍ଜନୀ ଅଙ୍ଗୁଳିକୁ ବୁଢ଼ା ଅଙ୍ଗୁଳୀ ସହ ସ୍ପର୍ଶ କରାଇ ଥାଉ । ତର୍ଜନୀ ଅଙ୍ଗୁଳି ଓ ବୁଢ଼ା ଅଙ୍ଗୁଳି ଯେହେତୁ ଯଥାକ୍ରମେ ଜୀବ ଓ ପରମାତ୍ମାଙ୍କ ପ୍ରତୀକ ଅଟନ୍ତି, ସେହି ମୁଦ୍ରାଦ୍ୱାରା ଆମ ମନ ଈଶ୍ୱରଙ୍କ ସହ ସଂଯୋଗ ହୋଇ ପାରିଥାଏ । ତେଣୁ ଆମେ ଆମ ଇନ୍ଦ୍ରିୟକୁ ସଂଯମ କରିବା ଦ୍ୱାରା ହିଁ ଭଗବାନଙ୍କୁ ଦର୍ଶନ କରିପାରିବା ।

**(ଖ) ଧ୍ୟାନ ଭାଙ୍ଗିବା ଖେଳ – (୧ ମିନିଟ୍)**

ଜଣେ ପିଲା ଧ୍ୟାନ କରିବା ଭଙ୍ଗୀରେ ବସିବ । ଆଉ ଜଣେ ପିଲା ତାର ଧ୍ୟାନ ଭାଙ୍ଗିବାକୁ ଚେଷ୍ଟା କରିବ । ଧ୍ୟାନ କରୁଥିବା ପିଲାକୁ ଛୁଇଁବ ନାହିଁ । କେବଳ କଥାରେ ତାର ଧ୍ୟାନ ଭାଙ୍ଗିବ । କଥାଗୁଡ଼ିକରେ ଖରାପ ଶବ୍ଦ ବ୍ୟବହାର କରିବେ ନାହିଁ । ଯଥା :-

(୧) ଦେଖ ରାଜୁ, ବାପା ତୋ ପାଇଁ special ପିଜା ଆଣିଛନ୍ତି । ଶୀଘ୍ର ଆସେ ଖାଇବୁ ।

(୨) ଦେଖ ତୋ best friend ଚନ୍ଦନ ଆସିଛି । ସେ ତୋ ପାଇଁ ଗୋଟେ ବହୁତ ବଢ଼ିଆ ଖୁସି ଖବର ଆଣିଛି ।

(୩) ଆଜି ଭାରତ-ପାକିସ୍ଥାନ ମ୍ୟାଚରେ, ଭାରତ ଆଉ ମାତ୍ର ୫ ରନ୍ କରି ଦେଲେ ଜିତିବାକୁ ଯାଉଛି । ଇତ୍ୟାଦି ...

୧ ମିନିଟ୍ ମଧ୍ୟରେ ଧ୍ୟାନ ଭାଙ୍ଗି ନ ପାରିଲେ, ଧ୍ୟାନ କରୁଥିବା ପିଲାଟିର ମନ ଭଗବାନଙ୍କ ପାଖରେ ଥିଲା ବୋଲି କହି, ଗୁରୁ ପିଲାଟିର ପ୍ରଶଂସା କରିବେ ।

**(ଗ) Maching Game :**

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ୧. ରାମ | ୧. ବାଲ୍ମୀକି |
| ୨. ଶିବାଜୀ | ୨. ରାମକୃଷ୍ଣ ପରମହଂସ |
| ୩. କୃଷ୍ଣ | ୩. ଚାଣକ୍ୟ |
| ୪. ଲବ ଓ କୁଶ | ୪. ରବି ଦାସ |
| ୫. ବିବେକାନନ୍ଦ | ୫. ବଶିଷ୍ଠ |

| | |
|---|---|
| ୬. ଚନ୍ଦ୍ରଗୁପ୍ତମୌର୍ଯ୍ୟ | ୬. ରାମ ଦାସ |
| ୭. ମୀରାବାଈ | ୭. ସନ୍ଦୀପନି |

**(ଘ) କହିଲ ଦେଖି ମୁଁ କିଏ ?**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ମୁଁ ଭଗବାନଙ୍କ ପାଦ ସ୍ପର୍ଶରେ ପାଥରରୁ ମଣିଷ ପାଲଟିଲି | ୧. କୈବର୍ତ୍ତ |
| ୨. ମୁଁ ପ୍ରଭୁ ରାମଚନ୍ଦ୍ରଙ୍କର ପାଦ ଧୋଇ ଡଙ୍ଗାରେ ବସାଇଥିଲି | ୨. ଶବରୀ |
| ୩. ମୁଁ ଚଉଦ ବର୍ଷ ପ୍ରଭୁଙ୍କର ପାଦୁକା ପୂଜା କରି ରାଜ୍ୟ ଶାସନ କରିଥିଲି | ୩. ଅହଲ୍ୟା |
| ୪. ମୁଁ ପ୍ରଭୁଙ୍କର ପବିତ୍ର ପାଦ ପଡିବ ବୋଲି ରାସ୍ତା ସବୁକୁ ବର୍ଷ ବର୍ଷ ଧରି ସଫା କରି ଫୁଲ ବିଛାଉଥିଲି | ୪. ପଦ୍ମପାଦ |
| ୫. ମୁଁ ମୋର ଗୁରୁଙ୍କ ବସ୍ତ୍ରକୁ ବଂଚାଇବାକୁ ଯାଇ ନଦୀର ଜଳରେ ଦୌଡିବା ବେଳେ ମୋର ପାଦ ତଳେ ପଦ୍ମଫୁଲ ସବୁ ଫୁଟି ଯାଇଥିଲା | ୫. ଭରତ |

## ୯) <u>ସ୍ତୋତ୍ର ଉପରେ ବାବାଙ୍କର ଦିବ୍ୟ ସନ୍ଦେଶ :</u>

**(କ) ବିଶ୍ୱାସ ହିଁ ଜୀବନର ଶ୍ୱାସ :**

Faith is our life breath.

**(ଖ)** ଯଦି ତୁମେ ମୋର ଅନୁଗ୍ରହ ପ୍ରାପ୍ତ, ତେବେ କୌଣସି ଗ୍ରହ ତୁମର ଅନିଷ୍ଟ କରିବ ନାହିଁ ।

If you have my *Anugraha* (grace) no *Graha* (planet) can harm you.

## ୧୦) <u>ସ୍ତୋତ୍ରର ଆବୃତି ଶିକ୍ଷା :</u>

- ଗୁରୁ ପିଲାମାନଙ୍କୁ ସୁଖାସନରେ ସିଧାଭାବରେ ବସିବାକୁ କହିବେ ।
- ଗୁରୁ ନିଜେ ପ୍ରଥମେ ଆବୃତି କରି ପିଲାମାନଙ୍କୁ ଶୁଣାଇବେ, ନଚେତ୍ ଅଡ଼ିଓ ପ୍ଲେ କରିପାରିବେ ।
- ତାପରେ ଗୁରୁ ସ୍ୱରଦେଇ ପ୍ରଥମ ଧାଡ଼ିଟି ଆବୃତି କରିବେ, ପିଲା ପାଳି ଧରିବେ ।
- ଏହିପରି ପ୍ରତ୍ୟେକ ପିଲାଙ୍କୁ ସବୁ ପଦଗୁଡ଼ିକ ଆବୃତି କରାଇବେ ।

- ଭୁଲ୍ ହେଲେ ପ୍ରଥମେ ଅନ୍ୟ ପିଲାକୁ ପଚାରିବେ, ନ ହେଲେ ଗୁରୁ ନିଜେ ସଂଶୋଧନ କରିବେ । ଏବଂ ପୁଣି ଥରେ ପ୍ରଥମ ପିଲାଟିକୁ ଆଉଥରେ ବୋଲିବାକୁ କହିବେ ।

**୧୧) ଦୈନନ୍ଦିନ ଜୀବନରେ ମୂଲ୍ୟବୋଧର ଅଭ୍ୟାସ :**

ଈଶ୍ୱରାମ୍ମା ଦିବସରେ ତୁମକୁ ସଂଧ୍ୟା କାର୍ଯ୍ୟକ୍ରମରେ କହିବା ପାଇଁ କୁହାଯାଇଅଛି । ମାତ୍ର ତୁମକୁ ବହୁତ ଡର ଲାଗୁଛି । ଏତେ ଲୋକ ଥିବେ, କାଳେ ଭୁଲ୍ ହୋଇଯିବ, କାଳେ କହୁ କହୁ ରହିଯିବି, ଲୋକମାନେ କ'ଣ କହିବେ, ସାଙ୍ଗମାନେ ଥଟ୍ଟା କରିବେ, ଇତ୍ୟାଦି ଭାବି ଭାବି ତୁମ ମୁହଁ ଶୁଖିଗଲାଣି । ତୁମେ କ'ଣ କରିବ ?

ଉତର – ଭଗବାନ ଏ ସୁଯୋଗ ଦେଇଛନ୍ତି, ସେ ହିଁ କହିବେ, ମୁଁ ତ ନିମିତ ମାତ୍ର । ଭଲ ହେଲେ ତାଙ୍କର, ଭୁଲ୍ ହେଲେ ତାଙ୍କର । ତେଣୁ ପ୍ରଭୁ ପାଦପଦ୍ମରେ ନିଜକୁ ସମର୍ପଣ କରିଦିଅ । ତାଙ୍କୁ କୁହ, "ପ୍ରଭୁ ତୁମେ ମୋ କଣ୍ଠରେ ବସି କହିବ, ତୁମର ସେହି କୃପାକୁ ଧରି ରଖିବାର ଶକ୍ତି ଦିଅ ।" ଥରେ ପ୍ରଭୁ ପାଦରେ ଅର୍ପଣ କରି ଭାବ –

"Why Fear, When Sai is here." ସବୁ ଭୟ ପଳାଇବ ।

କହିପାରିବ କିଏ ବହୁତ ବଡ ସଭାରେ ଠିଆ ହୋଇ ମଧ କହି ପାରିଲେନି । ଶେଷରେ ସେ ପରେ କହିବାକୁ କହି ଗୁରୁଙ୍କର ପଦକୁ ସ୍ମରଣ କଲେ । ଗୁରୁଙ୍କର କୃପା ବର୍ଷା ହେଲା ଓ ସେ ଏପରି କହିଲେ ଯେ ଯୁଗ ଯୁଗ ପାଇଁ ତାହା ମାନବସମାଜକୁ ବାର୍ତା ହୋଇଗଲା । ସେ କିଏ ?

- ସ୍ୱାମୀ ବିବେକାନନ୍ଦ ଚିକାଗୋ ଧର୍ମ ମହାସଭାରେ, ଗୁରୁ – ଶ୍ରୀ ରାମକୃଷ ପରମହଂସ ।

ପିଲାମାନେ ଏବେ ଟିକେ ଚାଲ ଯିବା, ସେହି ପୂର୍ଣ ଅବତାର ସତ୍ୟସାଇଙ୍କ ଅବର୍ଣନନୀୟ, ଆନନ୍ଦମୟ ପ୍ରାତଃ ଦର୍ଶନର ସ୍ମୃତିକୁ ସ୍ମରଣ କରିବା ।

**୧୨) ଆନନ୍ଦ ଯାତ୍ରା :**

ପିଲାମାନେ ତୁମମାନଙ୍କ ମଧ୍ୟରୁ ଅନେକ ହୁଏତ ପରମ କୃପାଳୁ – ଜଗତ୍ ଗୁରୁ – ସାଇଶ୍ୱରାୟଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କରି ନ ଥାଇ ପାର । ତେବେ ଏବେ ଆସ, ଆମେ ଆମର ମାନସ ଚକ୍ଷୁରେ କୁଳବନ୍ତ ହଲ୍‌ରେ ସ୍ୱାମୀଙ୍କ କୋମଳ ପାଦଯୁଗଳକୁ ଟିକେ ଦର୍ଶନ କରିନେବା ।

ପିଲାମାନେ, ତୁମେମାନେ ପ୍ରଥମେ ଅଂଟା ସିଧା କରି, ଆଖି ବନ୍ଦ କରି ନୀରବରେ ବସ ଏବଂ ମୋ ସହ କୁଲବନ୍ତ ହଲ୍‌ରେ ସେହି ପରମପୁରୁଷଙ୍କ ଉପସ୍ଥିତି ଅନୁଭବ କରିବାକୁ ଚେଷ୍ଟା କର ।

ପିଲାମାନେ, ଆମେ ଆମର କୋଟି ଜନ୍ମର ପୂଣ୍ୟ ଫଳ ସ୍ୱରୂପ ଆଜି ସେହି ସ୍ୱର୍ଗପୁରୀ, ପ୍ରଶାନ୍ତି ଧାମରେ ପହଂଚି ଯାଇଛେ । ଯଦି ରାତି ୪ଟାରୁ ଶଯ୍ୟା ତ୍ୟାଗ କରି, ନିତ୍ୟକର୍ମ ଯଥା ଶୀଘ୍ର ସମାପନ କରି ସୁପ୍ରଭାତମ୍, ନଗର ସଂକୀର୍ତନରେ ଯୋଗ ଦେବାର ସୌଭାଗ୍ୟ ମଧ ପାଇ ସାରିଛେ । ଏବେ ଟିକେ South Canteen ରୁ କିଛି ଜଳଖିଆ ଖାଇନେଇ token line ରେ ବସିଥିଲେ । ଯାହା ହେଉ ଆମମାନଙ୍କର ଆଜି ପ୍ରଥମ line ର token ପଡିଛି । ପିଲାକାନେ ଆସ୍ତେ ଆସ୍ତେ ଶୃଙ୍ଖଳାର ସହସେହି ଅମୃତଧାମ କୁଳବନ୍ତ ହଲ୍‌ରେ ଶାନ୍ତ ଭାବରେ ପାଦ ଦିଅ । ପବିତ୍ର ବେଦ ଧ୍ୱନିରେ ହଲ୍‌ଟି ପ୍ରକମ୍ପିତ ହୋଇଯାଉଛି । ଓଃ ସେହି ବହୁ ପ୍ରତିକ୍ଷିତ ମୂହୁର୍ତଟି ଉପସ୍ଥିତି ହୋଇଯାଇଛି । କୁଳବନ୍ତ ହଲ୍‌ରେ ଆଲୋକ ରାଶି ସବୁ ପ୍ରଜ୍ୱଳିତ ହୋଇଯାଇଛି । ସମସ୍ତଙ୍କର ଚକ୍ଷୁ ଯର୍ଦୁମନ୍ଦିର ଆଡକୁ ଆକର୍ଷିତ ହୋଇଯାଇଛି ।

ପରମ ପ୍ରେମମୟ - ପରମ ଦୟାମୟ – ଜଗତଜନନୀ ସାଇମା, ଯର୍ଜୁର ମନ୍ଦିରରୁ – ମନ୍ଦମନ୍ଦ ଗତିରେ – ମନ୍ଦହାସ୍ୟ ବଦନରେ ଆଗେଇ ଆସି କୁଳବନ୍ତ ହଲ୍‌ର ଲାଲ ଗାଲିଚା ଉପରେ ତାଙ୍କର ସେହି କୋମଳ ପଦଯୁଗଳକୁ ଉପସ୍ଥାପନା କରି ଆମକୁ ପରମ ଆନନ୍ଦ ପ୍ରଦାନ କରୁଛନ୍ତି । ସୌଭାଗ୍ୟବାନ୍ ଛାତ୍ରମାନଙ୍କଦ୍ୱାରା ଭାବପୂର୍ଣ ଭଜନ ପରିବେଷଣ ହୋଇଚାଲିଛି ।

**ମାନସ ଭଜରେ ଗୁରୁ ଚରଣଂ ........**

(ସ୍ୱର ସହିତ ଗାଇବେ ।)

ସମସ୍ତଙ୍କ ନଜର ସେହି ପାଦଯୁଗଳକୁ । ବାଛୁରୀଟିଏ ତା ମାଆର ସ୍ପର୍ଶକୁ ଅପେକ୍ଷା କରିବାପରି, ପଦ୍ମଫୁଲଟିଏ ସୂର୍ଯ୍ୟଙ୍କର କିରଣକୁ ଆଶ୍ରା କଲା ପରି, ଚାତକ ବର୍ଷାର ଜଳବିନ୍ଦୁକୁ ଆଶ୍ରା କଲା ପରି, ସବୁ ଭକ୍ତଗଣ ଭଗବାନଙ୍କର ପାଦଯୁଗଳକୁ ଚାହିଁ ରହିଛନ୍ତି । ଇଏ ହେଉଛି ସେଇ ପାଦ, ଯେଉଁ କୋମଳ ପାଦ ସ୍ପର୍ଶ ପାଇ କଠିନ ପାଷାଣରେ ପରିଣତ ହୋଇଥିବା ମାତା ଅହଲ୍ୟା ନିଜ ପୂର୍ବ ସୁନ୍ଦର ରୂପକୁ ଫେରିପାଇଥିଲେ । ଇଏ ସେହି କଲ୍ୟାଣମୟ ପାଦ, ଯେଉଁ ପାଦରୁ ମାତା ଗଙ୍ଗାଙ୍କ ଆର୍ବିଭାବ ହୋଇଥିଲା । ଏଇ ପାଦ ହିଁ ଦିନେ ବଳୀ ରାଜାଙ୍କର ଗର୍ବକୁ ଭଙ୍ଗ କରିଥିଲା ।

ଆଉ କାଳିଆ ନାଗର ଅହଙ୍କାରକୁ ନାଶ କରିଥିଲା । ଏହି ପାଦଯୁଗଳର ଦର୍ଶନ ଓ ସ୍ପର୍ଶନ ପାଇବା ପଇଁ ଆଜି କାହିଁ କେତେ ଦୂରରୁ ଭକ୍ତଗଣ ଏକତ୍ରିତ ହୋଇଛନ୍ତି । ସମସ୍ତଙ୍କ ମଧ୍ୟରେ ସେହି ଗୋଟିଏ ବ୍ୟାକୁଳତା, କିପରି ସେହି ପାଦ ସ୍ପର୍ଶର ଅପୂର୍ବ ସୌଭାଗ୍ୟ ପ୍ରାପ୍ତ କରି ନିଜକୁ ଧନ୍ୟ ମନେ କରିବେ ।

ସ୍ୱାମୀ ହଠାତ୍ ଆସି ଅତି ନିକଟରେ ଦଣ୍ଡାୟମାନ ହୋଇଯାଇଛନ୍ତି । ଅନ୍ୟମନସ୍କ ଭାବରେ ହାତ ଦୁଇଟି ତାଙ୍କର ଲହୁଣୀ ଠାରୁ ମଧ୍ୟ ଅଧିକ କୋମଳ ପାଦ ଉପରେ ପଡିଯାଇଛି । ଆଃ ...... ଏକ ଅବର୍ଣନୀୟ ଶୀହରଣ ସାରା ଶରୀରରେ ଖେଳି ଯାଉଛି । ଅନନ୍ତକାଳରୁ ହୃଦୟ ମଧ୍ୟରେ ଲୁଚି ରହିଥିବା, ସେହି ଅମାନିଆ ଆନନ୍ଦ ଅଶ୍ରୁ ଅନବରତ ବହିବାକୁ ଲାଗୁଛନ୍ତି ...

ସ୍ୱାମୀ ଏହି ଦିବ୍ୟ ସ୍ପର୍ଶର ସୌଭାଗ୍ୟ ପ୍ରାପ୍ତି ପରେ ସଂସାରର ସମସ୍ତ କ୍ଷଣିକ ସୁଖ ମତେ ତୁଚ୍ଛ ମନ ହେଉ । ସଦାସର୍ବଦା ଏହି ସ୍ପର୍ଶର ଶିହରଣ ମୋ ହୃଦୟରେ ଭରି ରହୁ । କୃପା କର ସ୍ୱାମୀ – ଦୟା କର .....

ପିଲାମାନେ ଧୀରେ ଧୀରେ ଆଖି ଖୋଲ । ଦୁଇ ପାପୁଲିକୁ ଭଲ ଭାବରେ ଘର୍ଷଣ କରି, ତାର ଉଷ୍ଣତାକୁ ଆଖି ଉପରେ ଲଗାଅ ।

- ବହୁତ ଭଲ ଲାଗିଲା ନା ପିଲାମାନେ ?
- ପିଲାମାନେ କଥା ଦିଅ, ଜୀବନରେ ଯେତେ ବଡ ଝଡଝଞ୍ଜା ଆସିଲେ ମଧ୍ୟ ସେଇ ଶ୍ରୀ ଚରଣକୁ ସଦାସର୍ବଦା ଜାବୁଡିକି ଧରି ରଖିବ । ସାଇରାମ ।

=====0000=====